**ବଦଳିଲେ ବେତନଟୀ ବିଡିଓ**

ବେତନଟୀ(ଧରଣୀଧର ମହାନ୍ତି)/ବୈଶିଙ୍ଗା (ରତନ ଦାଶ): ବେତନଟୀ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ ବାଲେଶ୍ୱରରେ ତହସିଲଦାର ଭାବେ କାର୍ଯ୍ୟରତ ନିର୍ଲିପ୍ତା ମହାନ୍ତି ଯୋଗଦେବେ ବୋଲି ଜଣାପଡ଼ିଛି। ଏନେଇ ମଙ୍ଗଳବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### କାର୍ ଧକ୍କାରେ ୨ ଛାତ୍ରୀ ଗୁରୁତର

ବୈଶିଙ୍ଗା, ୧୨।୯ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଗଡ଼ଗଡିଆ ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ଣରେ କାର୍ ଧକ୍କାରେ ୨ ସ୍କୁଲ ଛାତ୍ରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ଗଣେଶ ମହାନ୍ତଙ୍କ ଝିଅ କ୍ଷୀରଦା (୧୫) ଓ ସୁକାନ୍ତ ବିଶ୍ୱାଳଙ୍କ ଝିଅ ହରପ୍ରିୟା (୧୩) ଟିଉସନ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକ ଆହତ ଛାତ୍ରୀ ଦ୍ୱୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ବୟାଙ୍ଗଡିହୀ ସରପଞ୍ଚ ଦାୟିତ୍ୱ ତୁଲାଇବେ ନାଏବ ସରପଞ୍ଚ

ଧାମନଗର, ୧୨।୯ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ବୟାଙ୍ଗଡିହୀ ପଞ୍ଚାୟତ ସରପଞ୍ଚ ପଦ ଅସିଦ୍ଧ ଘୋଷଣା ସହ ପୁନଃ ନିର୍ବାଚନ ପାଇଁ କିଛିଦିନ ତଳେ କୋର୍ଟ ଜିଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଚିଠି ନଂ. ୨୮୦୫/୨୩, ତା ୧୨।୯।୨୩ ରିଖରେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ନାଏବ ସରପଞ୍ଚ ପ୍ରଦୀପ ବାରିକ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇବେ। ବିଡିଓଙ୍କ ଚିଠି ନମ୍ବର ୪୭୫୨/୨୩, ତା ୧୨।୯।୨୩ ରିଖରେ ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଧାମନଗର କୋର୍ଟଙ୍କ ରାୟ ଅନୁସାରେ ସରପଞ୍ଚ କୁନ୍ତଳା ମଲ୍ଲିକଙ୍କୁ ଅସିଦ୍ଧ ଘୋଷଣା କରାଗଲା ଏବଂ ନାଏବ ସରପଞ୍ଚ ବାରିକ ୭ଦିନ ମଧ୍ୟରେ ସରପଞ୍ଚ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ସୂଚନାଯୋଗ୍ୟ, ସରପଞ୍ଚ କୁନ୍ତଳା ମଲ୍ଲିକ ଓଡ଼ିଆ ଲେଖି ପଢ଼ି ଜାଣି ନ ଥିବା ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ବେହେରା ଧାମନଗର କୋର୍ଟରେ ଆବେଦନ କରିଥିଲେ। ଉଭୟ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ପରେ କୋର୍ଟ ବୟାଙ୍ଗଡିହୀ ସରପଞ୍ଚ ମଲ୍ଲିକଙ୍କ ପଦକୁ ଅସିଦ୍ଧ ଘୋଷଣା କରିବା ସହ ପୁନଃ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ଗାଳିଗୁଲଜ ନେଇ ୨ ଅଭିଯୋଗ

ଛେଣ୍ଡିପଦା, ୧୨।୯ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ଥାନା କୁଶକିଳା ଗ୍ରାମରେ ୱାର୍ଡସଭ୍ୟ ସିପୁନ ବିଶ୍ୱାଳ(୨୪)ଙ୍କୁ ମାୟାଧର ସାହୁ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ମାୟାଧରଙ୍କୁ ଏକ ଇନ୍ଦିରା ଆବାସ ମିଳିଛି। ସେହି ଘର ନିର୍ମାଣ କରିଦେବାକୁ ମାୟାଧର ସିପୁନଙ୍କୁ କହିଥିଲେ। ହେଲେ ସିପୁନ ମନା କରିଦେବାରୁ ମାୟାଧର ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୨୯୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ମାୟାଧରଙ୍କ ସ୍ତ୍ରୀ ମଞ୍ଜୁଳୀ ସାହୁ ଏକ ପାଲଟା ଅଭିଯୋଗ କରିଛନ୍ତି। ୫ ଦିନ ପୂର୍ବରୁ ସେ ଦୋକାନରେ ଥିବାବେଳେ ସିପୁନଙ୍କ ସହ ୪ଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନରେ ଥିବା ସାମଗ୍ରୀ ଫୋପାଡି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୨୯୨/୨୩ରେ ଏକ ମାମଲା ରୁଜୁ କରିଛି।

### ପ୍ରତିବାଦ କରିବାରୁ ଆକ୍ରମଣ

ଅନୁଗୋଳ, ୧୨।୯ (ଅମିତ ସାମଲ)

ଅନୁଗୋଳ ଥାନା ରାଣୀଗୁଡ଼ା ଅଞ୍ଚଳରେ କେତେଜଣ ଯୁବକଙ୍କ ଆକ୍ରମଣରେ ରାଣୀଗୁଡ଼ା ଗ୍ରାମର ଡିଲ ସାହୁ ଆହତ ହୋଇଛନ୍ତି। ଡିଲଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୧୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ଶନିବାର ରାଣୀଗୁଡ଼ା ଗ୍ରାମର କେତେଜଣ ଯୁବତୀ ରାତିରେ ଟ୍ୟୁଶନ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଉକ୍ତ ସାହିର କେତେଜଣ ଯୁବକ ସେମାନଙ୍କୁ ଟେକା ମାଡ଼ କରିଥିଲେ। ଟେକା ଯୁବତୀଙ୍କ ଦେହରେ ନ ବାଜି ଡିଲଙ୍କ ପୁଅ ସିପୁନ ଦେହରେ ବାଜିଥିଲା। ଡିଲ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଯୁବକମାନେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ବେଆଇନ ମୋରମ ଖଣିରେ ଚଢ଼ାଉ

## ଧରା ପଡ଼ିଲା ୨ ଟ୍ରାକ୍ଟର, ୧ ଜେସିବି

କେନ୍ଦୁଝର, ୧୨।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୂୟାଁ-ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ କୁଶକଳା ବିଟ୍ ଅଫିସ ନିକଟରେ ବେଆଇନ ଭାବେ ମୋରମ ଖୋଳା ଚାଲିଥିବା ବେଳେ ସୋମବାର ରାତିରେ ହାତୀ ନିରୀକ୍ଷଣ ପାଇଁ ଯାଇଥିବା ବନ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲେ। ଉକ୍ତ ସ୍ଥାନରୁ ମୋରମ ବୋଝେଇ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ଜବତ କରାଯାଇଛି। ଜଙ୍ଗଲଠାରୁ ମାତ୍ର ୫୦୦ ମିଟର ଦୂରରେ ଏହି ବେଆଇନ ମୋରମ ଖାଦାନ ଗତ କିଛି ଦିନ ହେବ ବେଆଇନ ଭାବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଚାଲିଥିଲା।

ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳଠାରୁ ମାତ୍ର କିଛି ଦୂର ତରମାକାନ୍ତ ଟା' ବଗିଚାରେ ୯ଟି ହାତୀ ରହିଛନ୍ତି। ହାତୀ ସ୍କାଡ୍ ଫରେଷ୍ଟର ମଧୁସ୍ମିତା ଦୋରା ଏବଂ ଅନ୍ୟ ବନ କର୍ମଚାରୀ ଥିବାବେଳେ ରାତି ପ୍ରାୟ ୧୧ଟାରେ କୁଶକଳାରେ ଏକ ଜେସିବିରେ ମୋରମ ଖୋଳାଯାଉଥିବା ଦେଖିଥିଲେ। ପରେ ସେଠାରେ ଚଢ଼ାଉ କରି ୨ଟି ମୋରମ ବୋଝେଇ ଟ୍ରାକ୍ଟର ଏବଂ ଏକ ଜେସିବି ମେଶିନ ଜବତ କରିବା ସହ ୨ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ବନ ବିଭାଗ କର୍ମଚାରୀଙ୍କୁ ଦେଖି ୮ଟି ଟ୍ରାକ୍ଟର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଭୂୟାଁ-ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ ଏବଂ ଶୁଆକାଟୀ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ୩ଟି ଗାଡି ଜବତ କରି ଅଞ୍ଜାରସ୍ଥିତ ରେଞ୍ଜ କାର୍ଯ୍ୟାଳୟରେ ରଖିଛନ୍ତି। ଉକ୍ତ ଅଞ୍ଚଳରେ ବର୍ଷର ସବୁ ସମୟରେ ହାତୀ ଚଳପ୍ରଚଳ କରୁଥିବାରୁ ବେଆଇନ ଖନନ ଯୋଗୁ ସୃଷ୍ଟି ହେଉଥିବା ବଡ଼ ବଡ଼ ଗାତ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ତୁରନ୍ତ ଏହି ବେଆଇନ ଖାଦାନକୁ ପୋତିବା ପାଇଁ ପଦକ୍ଷେପ ନେବା ସହ ଠିକାଦାରଙ୍କ ବିରୋଧରେ ଦୃଢ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଭଲିବଲ ଓ ସଫ୍ଟବଲ ପ୍ରତିଯୋଗିତା



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ବାଲେଶ୍ୱର, ୧୨।୯ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଭୀମପୁରା ସ୍ଥିତ କ୍ରୀଡ଼ା ଛାତ୍ରାବାସ ପରିସରରେ ଥିବା ପଡ଼ିଆରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଏବଂ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଭଲିବଲ ଓ ସଫ୍ଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ୧୪ ଓ ୧୭ବର୍ଷର ବାଳିକା ଓ ବାଳକଙ୍କୁ ନେଇ ଭଲିବଲ ଏବଂ ୧୭ବର୍ଷରୁ କମ୍ ବାଳିକା ଓ ବାଳକଙ୍କୁ ନେଇ ସଫ୍ଟବଲ ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉନ୍ନତମାନର ଖେଳ ପ୍ରଦର୍ଶନ କରି ରାଜ୍ୟକୁ ଗୌରବମୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଖେଳ କେବଳ ଏକ ଟାଇମ ପାସ୍ ନୁହେଁ, ଏହା ବୃତ୍ତିର ଏକ ମାଧ୍ୟମ। ଏହା ଜୀବନକୁ ସୁଖମୟ ଓ ସମୃଦ୍ଧ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଧରଣୀଧର ପାତ୍ର, ପ୍ରୀତୀତନୟା ଗିରି, ଜିଲା ନିଯୋଜନ ଅଧିକାରୀ ରଞ୍ଜନ କୁମାର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବ୍ଲକ ଶିକ୍ଷା ଅଧିକାରୀ ସ୍ନିଗ୍ଧା ପଣ୍ଡା, କାଳନ୍ଦୀ ସୋରେନ ଓ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ସତ୍ୟଭାମା ମୁଦୁଲି ଓ ପଦ୍ମାବତୀ ଜେନା ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ ସହିତ ମାର୍ଚ୍ଚ ପାଷ୍ଟର ଧାରା ବିବରଣୀ ଦେଇଥିଲେ। ବାଲିଆ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସକୁ ଚକ୍‌ମା ଦେଇ ଅଭିଯୁକ୍ତ ଚମ୍ପଟ

## ଡାକ୍ତରୀମାଇନା ପାଇଁ ନିଆଯାଇଥିଲା

ଭଦ୍ରକ, ୧୨।୯ (ସନାତନ ରାଉତ)

ଭଦ୍ରକ ଜିଲା ସାବରଙ୍ଗ ପୋଲିସ ଏକ ଯୌନ ନିର୍ଯାତନା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ଭଦ୍ରକ ନିଆଯାଇଥିଲା। ପୋଲିସକୁ ଚକ୍‌ମା ଦେଇ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ସାବରଙ୍ଗ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ଯୌନ ନିର୍ଯାତନା ନେଇ ମାମଲା (ନଂ.୧୨୬/୨୩) ରୁଜୁ ହୋଇଥିଲା। ଧୁଷୁରୀ ଅଞ୍ଚଳର ଜିତେନ୍ଦ୍ର ଜେନା ନାମକ ଯୁବକଙ୍କୁ ସାବରଙ୍ଗ ପୋଲିସ ସୋମବାର ଗିରଫ କରି ଡାକ୍ତରୀମାଇନା ପାଇଁ ଅପରାହ୍ଣରେ ଭଦ୍ରକ ନେଇ ଆସିଥିଲା। ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପରିସରରୁ ସେ ଫେରାର ହୋଇଯାଇଛନ୍ତି। ବହୁ ଖୋଜାଖୋଜି ପରେ ମଧ୍ୟ ପୋଲିସ ତାଙ୍କ ଟେର୍ ପାଇ ନ ଥିଲା। ଅଭିଯୁକ୍ତ ଫେରାର ନେଇ ଭଦ୍ରକ ଟାଉନ ଥାନାରେ ମାମଲା (ନଂ.୨୨୪/୨୩) ରୁଜୁ ହୋଇଥିବା ସାବରଙ୍ଗ ଥାନାଧିକାରୀ ରୀନା ବକ୍ସଲା କହିଛନ୍ତି।

# ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

କାମାକ୍ଷାନଗର, ୧୨।୯ (ସୁଧୀର କୁମାର ପରିଡା)

ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ କାମାକ୍ଷାନଗର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ନଗରମଣ୍ଡଳ ସଭାପତି ସନ୍ଦୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନାରୀ ନେତ୍ରୀ ରତ୍ନପ୍ରଭା ପଣ୍ଡା, ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ଜିଲା ଉପସଭାପତି ପବିତ୍ର ମୋହନ ବିଶ୍ୱାଳ, ଜିଲା ମିଡିଆ ସେଲ ଇନଚାର୍ଜ ସରୋଜ ବେହେରା, ଶିଶିରକାନ୍ତ ନାୟକ, ଯୁବମୋର୍ଚ୍ଚା ସଭାପତି ଶେଷଦେବ ନାଥ, ରଣଜିତ୍ ସାହୁ, ରବିନାରାୟଣ ସାହୁ, ଚନ୍ଦନ ବେହେରାଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# 'ମୁଁ ବି ମିତା' ଅଭିଯାନ

ରୂପସା, ୧୨।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟରେ ସଦର ବ୍ଲକସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ 'ମୁଁ ବି ମିତା' ଅଭିଯାନ ସମ୍ପର୍କରେ ଆଲୋଚନା କରିବା ସହ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଯୋଗ୍ୟ ଛାତ୍ରୀମାନଙ୍କୁ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ବିଡିଓ ଅଶୋକ କୁମାର ଦାସ, ନିର୍ବାଚନ ସ୍ୱାକ୍ଷରତା କ୍ଲବ ନୋଡାଲ ଅଫିସର ଅଧ୍ୟାପକ ଡ. ତପନ କୁମର ଦାସ, ପୂର୍ବତନ ସିଆର୍‌ସିସି ମାୟାଧର ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀମାନଙ୍କୁ ଭୋଟର ତାଲିକାରେ ନାମ ସଂଯୋଗ, ସଂଶୋଧନ ଓ ନାମ ବିଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ନାବାଳିକା ଜନ୍ମ ଦେଲେ ପୁତ୍ର ସନ୍ତାନ

## ଛାତ୍ରୀନିବାସ ଅନ୍ତେବାସୀ ଗର୍ଭବତୀ ହେବା ଘଟଣା

କେନ୍ଦୁଝର, ୧୨।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲାର ଏକ ବାଳିକା ବିଦ୍ୟାଳୟର ଜଣେ ଅନ୍ତେବାସୀ ଶନିବାର ଶିଶୁ ପୁତ୍ର ଜନ୍ମ ଦେଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ୭ ମାସର ଗର୍ଭବତୀ ହେବା ଘଟଣାରେ ଅଭିଯୁକ୍ତଙ୍କୁ ପୂର୍ବରୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ମଙ୍ଗଳବାର ମା' ଓ ଶିଶୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ଡିସଚାର୍ଜ ହୋଇଛନ୍ତି। ତେବେ ଏ ନେଇ ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଅସନ୍ତୋଷ ବ୍ୟକ୍ତ କରି ଏଭଳି ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୮ ତାରିଖରେ ଉକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେ ଗର୍ଭବତୀ ଥିବା ଡାକ୍ତରୀ ରିପୋର୍ଟରୁ ଜଣାପଡିଥିଲା। ଏହାର ୧୨ ଦିନ ପରେ ଶନିବାର ସେ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଛାତ୍ରୀଜଣକ ନବମ ଶ୍ରେଣୀରେ ପଢୁଥିବାବେଳେ ଗର୍ଭବତୀ ହୋଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣା ପରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଅନ୍ତେବାସୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଅନ୍ତେବାସୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଏ ଏବଂ ମାସିକ ରେଜିଷ୍ଟ୍ରର ମଧ୍ୟ ଲିପିବଦ୍ଧ କରାଯାଏ। ମାତ୍ର ଉକ୍ତ ଛାତ୍ରୀ ଜଣକ ୭ ମାସର ଗର୍ଭବତୀ ଥିଲେ ମଧ୍ୟ ମାଟ୍ରନ, ଏଏନ୍‌ଏମ୍ ଏବଂ ସହକାରୀ ପରିଚାଳିକା, ପ୍ରଧାନ ଶିକ୍ଷୟିତ୍ରୀ କିପରି ଜାଣି ପାରିଲେ ତାହା ସମସ୍ତଙ୍କୁ ଚକିତ କରିଛି। ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନର ଅଭାବ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ଏଭଳି ଘଟଣା ବାରମ୍ବାର ଘଟୁଛି ବୋଲି କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି। ଏଭଳି ଘଟଣାରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଟୁଡୁ ପ୍ରକାଶ କରିଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ



ଖଇରା, ୧୨।୯ (ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଖଇରା କଲେଜ ମଙ୍ଗଳବାର କୁପାରୀ କଲେଜରେ ସରକାରଙ୍କ ଭୋଟର ସଚେତନତା କାର୍ଯ୍ୟକ୍ରମ 'ମୁଁ ବି ମିତା' ଅନୁଷ୍ଠିତ ହୋଇଯାଇଛି। ଭୋଟର ସଂଶୋଧନ ଦାୟିତ୍ୱରେ ଥିବା ଶିକ୍ଷକ ଭରତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ଉତ୍ତମ କୁମାର ଜେନା, କଲେଜ ଅଧ୍ୟକ୍ଷ ଅରୁଣ କୁମାର ପାଢୀ ଯୋଗଦେଇ ୨୦୨୪ ଜାନୁୟାରୀ ୧ ସୁଦ୍ଧା ୧୮ ବର୍ଷରେ ପଦାର୍ପଣ କରୁଥିବା ଛାତ୍ରୀଛାତ୍ର ଏହି ପ୍ରକ୍ରିୟାରେ ଭାଗିଦାରୀ ସାଜି ଗଣତନ୍ତ୍ରକୁ ଅଧିକ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଅଧିକାରୀ ଆଶିଷ କୁମାର ଜେନା ଓ ସିଆରସିସି ଲକ୍ଷ୍ମଣ କୁମାର ସେନ, ଅଧ୍ୟାପକ ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସ୍ତରରେ ମୁଁ ବି ମିତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀ କାଜଲ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ମଙ୍ଗଳବାର କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଗଗନ ବିହାରୀ ରାଉତ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ ଭୋଟର ହେଲ୍ପଲାଇନ ଆପ୍‌ରେ ପଞ୍ଜିକରଣ କରିବା ପଦ୍ଧତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କଲେଜ ଅଧ୍ୟାପକ ଅଜୟ କୁମାର ସାହୁ, ଭକ୍ତବନ୍ଧୁ ସାହୁ, ପ୍ରାଧ୍ୟାପିକା ଫୁଲମଣି ଦେଇ, ଅଧ୍ୟାପିକା ମାଳତୀଲତା ହାତୀ ଓ ଡ ଆଭାରାଣୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିହିଡ଼ି, ୧୨।୯ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମହରମପୁର ପଞ୍ଚାୟତ ଷାଠିବାଟୀ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଷାଠିବାଟୀ ଗ୍ରାମରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ପ୍ରଧାନ ଶିକ୍ଷକ ଅଜୟ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଉପସଭାପତି ଅଶୋକ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ତାପସ କୁମାର ବେହେରା, ମୁଖ୍ୟବକ୍ତା ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ଅନ୍ୟତମ ଅତିଥି ଭାବେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜିଲା ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ, ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ପୂର୍ବତନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ ବାରିକ, ବଂଶୀଧର ପାଣିଗ୍ରାହୀ, ନକୁଳ ମଲ୍ଲିକ, ରାମଚନ୍ଦ୍ର ତ୍ରିପାଠୀ ଓ ସଚିକାନ୍ତ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଧାମନଗର ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଗଙ୍ଗାଧର ରାଉତ, ସହସମ୍ପାଦକ ପ୍ରଦୀପ ରାଉତ, ସିଆର୍‌ସିସି ଚନ୍ଦନ ପାତ୍ର, ମନୋଜ ସିଂ, ଅଜୟ ବେହେରାଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଭାଗୀରଥି ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିବା ବେଳେ ସୁଶାନ୍ତ ପତି, ଡମ୍ବରୁଧର ଲେଙ୍କା, ହରେକୃଷ୍ଣ ପାତ୍ର, ଜ୍ଞାନରଞ୍ଜନ ନାୟକ, ରବୀନ୍ଦ୍ର ନାୟକ, ସୁଦର୍ଶନ ଦାସ, ସୁଶାନ୍ତ ନାୟକ, ବାଇଧର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ମୋ ଦଳ'ର ବୈଠକ

ବୈଶିଙ୍ଗା, ୧୨।୯ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡ଼ିଆଠାରେ 'ମୋ ଦଳ' ପକ୍ଷରୁ ବିଭିନ୍ନ ଗ୍ରାମର ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। 'ମୋ ଦଳ' ବ୍ଲକ ଉପ ସଭାପତି ପଦ୍ମଲୋଚନ ମହାନ୍ତଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଆମ୍ବଗଡ଼ିଆ, ଭୋଳାଗଡିଆ ଓ ଭାଲିଆପଦା ଗ୍ରାମର କାର୍ତ୍ତିକ ସିଂ, ଦୁଖିଆ ବାସ୍କେ, ବୁଧିରାମ ହାଁସଦା, ବାଇଧର ସିଂ, ମୁଳିଆ ସିଂ, ଟିପୁ ସିଂ ପ୍ରମୁଖ ଅନେକ ଚାଷୀ ନେତା ଉପସ୍ଥିତ ଥିଲେ। ଆସନ୍ତା ୧୪ରେ ବାରିପଦା ମଧୁବନ ପଡିଆ ନିକଟସ୍ଥ ସାଗର ପ୍ୟାଲେସଠାରେ ଦଳର ଜିଲାସ୍ତରୀୟ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଭାରୀ ଚିନୁ ଦାଶ ସୂଚନା ଦେଇଛନ୍ତି।

# ବର୍ଜନ କଲେ ବିଜେଡି କାଉନସିଲର

## ଅଧାରୁ ବନ୍ଦ ହେଲା ପୌରପାଳିକା ବୈଠକ



ବୈଠକ ବର୍ଜନ କରିଥିବା କାଉନସିଲରମାନେ।

ଭଦ୍ରକ, ୧୨।୯ (ସନାତନ ରାଉତ)

ଭଦ୍ରକ ପୌରପାଳିକା ପକ୍ଷରୁ ମଙ୍ଗଳବାର ଏକ ବୈଠକ ଚାଲିଥିବା ବେଳେ ଅଧାରୁ ବିଜେଡି କାଉନସିଲରମାନେ ବୈଠକ ବର୍ଜନ କରି ଉଠି ଆସିଥିଲେ। ଫଳରେ ବୈଠକ ଅଧାରୁ ବନ୍ଦ ହୋଇଥିବା କୁହାଯାଇଛି। ସୂଚନା ମୁତାବକ ବୈଠକ ଚାଲିଥିବା ବେଳେ ୭ ନଂ. ୱାର୍ଡର ପାରିଷଦ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ଏହି ୱାର୍ଡରେ ହେଉଥିବା କାମ ବିଷୟରେ ତାଙ୍କୁ ସୂଚନା ଦିଆଯାଉ ନାହିଁ। ଏପରିକି ଜେଇ କାର୍ଯ୍ୟ ପାଇଁ ମାପଚୁପ କରୁଥିଲେ ମଧ୍ୟ ତାଙ୍କୁ କାହିଁକି କୌଣସି ସୂଚନା ଦିଆଯାଉ ନାହିଁ ବୋଲି ପଚାରିଥିଲେ। ଏଥିରେ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ତମେ ପଚାରିବାକୁ କିଏ ବୋଲି କହି ଅପମାନିତ କରିବାରୁ ଏହାର ପ୍ରତିବାଦରେ ତାଙ୍କ ସମେତ ବିଜେଡି ପାରିଷଦମାନେ ବୈଠକ ତ୍ୟାଗ କରିଥିବା ପାରିଷଦ ସ୍ୱାଇଁ, ୩ ନଂ. ୱାର୍ଡର କାଉନସିଲର ଖଗେଶ୍ୱର ବାରିକ ଓ ୧୧ ନଂ. ୱାର୍ଡର କାଉନସିଲର ଗୀତାଞ୍ଜଳି ଦାସ କହିଛନ୍ତି।

ଅପରପକ୍ଷେ ଏନେଇ ପୌରାଧ୍ୟକ୍ଷା କହିଛନ୍ତି, ବୈଠକ ଅଧାରୁ ବନ୍ଦ ହୋଇନାହିଁ, ସମ୍ପୂର୍ଣ୍ଣ ହୋଇଛି। ୭ ନଂ. ୱାର୍ଡରେ ଏକ ବିକାଶମୂଳକ କାମକୁ ସେହି ୱାର୍ଡର କାଉନସିଲର କରାଇଦେବାକୁ ଚାହୁଁନାହାନ୍ତି। ମୋ ୱାର୍ଡରେ ସେ କାମ କରାଇଦେବି ନାହିଁ ବୋଲି କହିବାରୁ ସେ ତାଙ୍କୁ କାମ ଅଟକାଇବାକୁ ଆପଣ କିଏ ବୋଲି କହିଥିଲେ। ଯେହେତୁ ଲୋକଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି, ବିକାଶମୂଳକ କାର୍ଯ୍ୟରେ ପାରିଷଦମାନେ ବିରୋଧ କଲେ ମଧ୍ୟ ଉକ୍ତ କାର୍ଯ୍ୟ ନିଶ୍ଚୟ କରାଯିବ ବୋଲି ପୌରାଧ୍ୟକ୍ଷା କହିଥିଲେ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା କହିଛନ୍ତି, ପାରିଷଦମାନେ ସମସ୍ତ ପ୍ରସ୍ତାବକୁ ପାରିତ କରିବା ପାଇଁ ପ୍ରସ୍ତାବ ଦେବା ପରେ ଆସନ୍ତା ବୈଠକରେ ଏହା କରାଯିବାକୁ ସ୍ଥିର ହୋଇଛି। ପୌରାଧ୍ୟକ୍ଷା ଓ ପାରିଷଦଙ୍କ ମଧ୍ୟରେ କଥା କଟାକଟି ହେବାରୁ ବୈଠକ ବନ୍ଦ କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ରାସ୍ତାରୋକୋ

କାମାକ୍ଷାନଗର,୧୨।୯ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ ମହାବିରୋଡ ଥାନା ୧୪୯ ନଂ. ଜାତୀୟ ରାଜପଥ ଭେଜିଆ ନୂଆଁସାହି ଛକ ନିକଟରେ ମଙ୍ଗଳବାର ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଳେଇ ଗ୍ରାମ ଝରଣବାହାଳି ପାତ୍ରସାହିର ସୁଦାମ ପାତ୍ର(୪୨)। ସୁଦାମ ମହାବିରୋଡ଼ରୁ କାମ ସାରି ଘରକୁ ଫେରୁଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରଲେଖା ହେବା ସୁଦ୍ଧା ରାସ୍ତାରୋକୋ ହଟି ନ ଥିବା ଜଣାପଡ଼ିଛି। ଖବରପାଇ ମହାବିରୋଡ଼ ଥାନା ଏଏସ୍ଆଇ ପ୍ରଦୀପ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଏଏସ୍ଆଇ କହିଛନ୍ତି, ଅଜଣା ଗାଡି ଧକ୍କାରେ ସୁଦାମଙ୍କ ମୃତ୍ୟୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି।

# ସମନ୍ୱୟ ଅଭାବରୁ ସମସ୍ୟାରେ ସହରବାସୀ

- ପଦାରେ ପଡ଼ିଲା ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା
- ଅନୁମୋଦନର ବର୍ଷେ ପରେ ମଧ କଲାନି ରାସ୍ତା ପ୍ରଶସ୍ତ
- ମୁକ୍ତା ଯୋଜନାରେ ପୌରସଂସ୍ଥାକୁ ବି କରାଇ ଦେଲାନି

ଢେଙ୍କାନାଳ,୧୨।୯(ରତନ ନାୟାର)

ଢେଙ୍କାନାଳ ପୂର୍ତ୍ତ ବିଭାଗ ଓ ପୌରସଂସ୍ଥା ମଧ୍ୟରେ ଉପଯୁକ୍ତ ସମନ୍ୱୟ ନାହିଁ। ଯେଉଁଥିପାଇଁ ଢେଙ୍କାନାଳ ସହର ଗଣେଶ ବଜାରଠାରୁ ରଥଗଡା ପର୍ଯ୍ୟନ୍ତ ରାସ୍ତାକୁ ନେଇ ସମସ୍ୟା ଭୋଗିବାକୁ ପଡୁଛି ସହରବାସୀଙ୍କୁ। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ବର୍ଷେ ତଳୁ ପ୍ରସ୍ତାବ ଅନୁମୋଦନ ହୋଇସାରିଛି। ହେଲେ ବିଭାଗ ଏଯାଏ ରାସ୍ତା କାମ କରି ନ ଥିବାବେଳେ ଏ ସମ୍ପର୍କରେ ଅଜ୍ଞ ପୌରସଂସ୍ଥା ମୁକ୍ତା ଯୋଜନାରେ ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ କରିବା ଓ ତାହାକୁ ପୂର୍ତ୍ତ ବିଭାଗ ମଙ୍ଗଳବାର ବନ୍ଦ କରାଇବା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ସହରର ଗଣେଶ ବଜାରଠାରୁ ରଥଗଡ଼ା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାକୁ ଚଉଡା କରିବା ପାଇଁ ବର୍ଷେ ତଳୁ ପ୍ରାୟ ୨କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଉକ୍ତ ପ୍ରସ୍ତାବକୁ ଅନୁମୋଦନ ମଧ୍ୟ ମିଳିସାରିଥିଲା। କିନ୍ତୁ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଯୋଗୁ କାର୍ଯ୍ୟ କରାଯିବା ତ ଦୂରର କଥା ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ବି ଶେଷ ହୋଇପାରି ନାହିଁ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଉକ୍ତ ରାସ୍ତାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ହେଲେ ପୂର୍ତ୍ତ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନ ଥିବାବେଳେ ସହରବାସୀଙ୍କ ଏହି ସମସ୍ୟାର ସମାଧାନ ପାଇଁ ଆଗେଇ ଆସିଥିଲା ପୌରସଂସ୍ଥା। ଏପରି କି ମୁକ୍ତା ଯୋଜନାରେ ୨ଟି ପର୍ଯ୍ୟାୟରେ ୯ଲକ୍ଷ ଓ ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରିବା ସହ ଗଣେଶ ବଜାରଠାରୁ ରଥଗଡା ପର୍ଯ୍ୟନ୍ତ ରାସ୍ତା କଡରେ ପେଭର ବ୍ଲକ ପକାଇବା ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯାଇଥିଲା।


ଢେଙ୍କାନାଳ ସହର ଗଣେଶ ବଜାର-ରଥଗଡା ମଧ୍ୟରେ ରାସ୍ତା ପାର୍ଶ୍ୱକୁ ଖୋଳି ଦିଆଯାଇଛି।

ଜେସିବି ଲଗାଇ ରାସ୍ତା କଡକୁ ଖୋଳି ଦିଆଯାଇଥିଲା। ରାସ୍ତା କାମ ଆରମ୍ଭର ୩ଦିନ ପରେ ହଠାତ୍ ପୂର୍ତ୍ତ ବିଭାଗ ଚେଇଁ ଉଠିଥିଲା। ଉକ୍ତ ରାସ୍ତା ପୂର୍ତ୍ତ ବିଭାଗର ହୋଇଥିବାରୁ ବିଭାଗ ହିଁ ଉନ୍ନତୀକରଣ କରିବ ବୋଲି କହି ପୌରସଂସ୍ଥାର କାର୍ଯ୍ୟକୁ ବନ୍ଦ କରାଇଥିଲା। ଗୋଟିଏ ରାସ୍ତାକୁ ନେଇ ସରକାରଙ୍କ ଦୁଇ ବିଭାଗ ମଧ୍ୟରେ ଏପରି ବିବାଦୀୟ ସ୍ଥିତି ସୃଷ୍ଟି ହେବା ସହରବାସୀଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଏଥିପାଇଁ ସେମାନଙ୍କୁ ବେଶ୍ ସମସ୍ୟା ମଧ୍ୟ ଭୋଗିବାକୁ ପଡୁଛି। ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ ବର୍ଷା ହେବା ପରେ ପୌରସଂସ୍ଥା ଖୋଳିଥିବା ରାସ୍ତାପାର୍ଶ୍ୱରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଉକ୍ତ ଅଞ୍ଚଳର ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କୁ ଯାତାୟାତରେ ବଡ଼ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଛି। ସହରର କେତେଜଣ ଲୋକଙ୍କ ଘରେ ଏହି କାଦୁଅ ପାଣି ପଶିଯାଇଥିବା ଅଭିଯୋଗ ହେଉଛି। ପାନୀୟ ଜଳ ପାଇପ୍ ଫାଟି ଯାଇଥିବାରୁ ଲୋକଙ୍କ ସମସ୍ୟା ଅଧିକ ବଢ଼ିଯାଇଛି। ଏହାକୁ ନେଇ ସହରବାସୀଙ୍କ ସମେତ ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ କହିଛନ୍ତି, ଗଣେଶ ବଜାରରୁ ରଥଗଡ଼ା ପର୍ଯ୍ୟନ୍ତ ରାସ୍ତା ଚଉଡା ହେବା ନିମନ୍ତେ ବହୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଟେଣ୍ଡର ପ୍ରକ୍ରିୟାରେ ଟିକେ ବିଳମ୍ବ ହେଉଥିଲା। ରାସ୍ତା ପୂର୍ତ୍ତ ବିଭାଗର ହୋଇଥିବାରୁ ପୌରସଂସ୍ଥା ଆରମ୍ଭ କରିଥିବା କାମ ବନ୍ଦ କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସହ ରାସ୍ତାକାମ ଲକ୍ଷ୍ମୀପୂଜା ପୂର୍ବରୁ ଶେଷ କରିବା ନିମନ୍ତେ ଚେଷ୍ଟା କରାଯିବ। ପୌରାଧକ୍ଷା ଜୟନ୍ତୀ ପାତ୍ର କହିଛନ୍ତି, ପୂର୍ତ୍ତ ବିଭାଗ ଉକ୍ତ ରାସ୍ତାର ଉନ୍ନତୀକରଣ ନ କରିବାରୁ ପୌରସଂସ୍ଥା ମୁକ୍ତା ଯୋଜନାରେ କାମ ଆରମ୍ଭ କରିଥିଲା। ପୂର୍ତ୍ତ ବିଭାଗ ମନା କରିବା ପରେ କାମ ବନ୍ଦ କରାଯାଇଛି।

### ଜନସେବା କେନ୍ଦ୍ର ମାଲିକଙ୍କଠାରୁ ୨ ଲକ୍ଷ ଲୁଟ୍

ଛେଣ୍ଡିପଦା,୧୨।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ବଜାରରେ ଥିବା ଜନସେବା କେନ୍ଦ୍ରର ମାଲିକ ବିଜୟ କୁମାର ସାହୁଙ୍କୁ ଭୁଜାଲିରେ ଆକ୍ରମଣ କରି ଦୁର୍ବୃତ୍ତମାନେ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଖିଣ୍ଡିପାଳ ଗ୍ରାମର ବିଜୟ କୋଶଳାରେ ଏକ ଗ୍ରାହକ ସେବା କେନ୍ଦ୍ର ଖୋଲିଥିଲେ। ମଙ୍ଗଳବାର ରାତି ୯ଟାରେ ଗ୍ରାହକ ସେବାକେନ୍ଦ୍ର ବନ୍ଦ କରି ଘରକୁ ଯାଉଥିବାବେଳେ ୩ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ତାଙ୍କଠାରୁ ୨ଲକ୍ଷ ୨୦ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ସ୍ଥାନୀୟ ଲୋକେ ବିଜୟଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଠକେଇ ଅଭିଯୋଗ

ଅନୁଗୋଳ,୧୨।୯(ଅମିତ ସାମଲ)

ଅନୁଗୋଳ ଥାନା ଆଙ୍କୁଲା ଗ୍ରାମର ସୁଷମା ନାଏକ ଠକେଇର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୪୧୪/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ସୁଷମାଙ୍କଠାରୁ ଯୁବକ ଜଣକ ୫ ହଜାର ଟଙ୍କା ନେଇଥିଲେ। ଟଙ୍କା ମାଗିବାରୁ ଯୁବକ ଜଣକ ତାଙ୍କୁ ଧମକ ଦେଉଥିବା ସୁଷମା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଛେଣ୍ଡିପଦା ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଥମ



ପ୍ରଥମ ହୋଇଥିବା ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଓ ଗୁରୁମା ଗୁରୁଜୀ।

### ପ୍ରାଦେଶିକ ବିଜ୍ଞାନ ମେଳା

ଛେଣ୍ଡିପଦା,୧୨।୯(ଅଜିତ ଧଳ)

ଅନୁଗୋଳ ଜିଲା ନାଲ୍‌କୋନଗର ଶିଶୁ ବିଦ୍ୟାମନ୍ଦିର ଠାରେ ଚଳିତ ବର୍ଷ ଶିକ୍ଷା ବିକାଶ ସମିତି ପକ୍ଷରୁ ପ୍ରାଦେଶିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଓଡ଼ିଶାରୁ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବାଲବର୍ଗ ବିଜ୍ଞାନ ପ୍ରଶ୍ନ ମଞ୍ଚରେ ମଧ୍ୟସମ୍ଭାଗ ଅନୁଗୋଳ ବିଭାଗର ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ବାଲ ବର୍ଗ ବିଜ୍ଞାନ ପ୍ରଶ୍ନ ମଞ୍ଚରେ ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଦ୍ୟାଶା ଆଚାର୍ଯ୍ୟ, ଚିତ୍ରାଶୋଭିନୀ ସାହୁ ଓ ସାଇପ୍ରସାଦ ସାହୁ କୃତିତ୍ୱ ଅର୍ଜନ କରିଥିଲେ। ଏହି ୩ ଛାତ୍ରୀଛାତ୍ର ବିଦ୍ୟାଳୟରୁ ସଙ୍କୁଳ ବିଭାଗ, ସମ୍ଭାଗ, ପ୍ରାନ୍ତ ଓ ପ୍ରାନ୍ତରୁ କ୍ଷେତ୍ରସ୍ତରକୁ ଚୟନ ହୋଇଥିଲେ।

# କୃତୀ ମାଟ୍ରିକ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ ହୋଇଥିବା ମାଟ୍ରିକ ଏ-୧ ଗ୍ରେଡ୍ ବିଦ୍ୟାର୍ଥୀମାନେ।

ଢେଙ୍କାନାଳ,୧୨।୯(ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍.ପକ୍ଷରୁ ଗନ୍ଧିଆ ବ୍ଲକ ଡାଳସିଂହ ମାର୍ଥାପୁର ହାଇସ୍କୁଲ ଠାରେ ଏ୧ଗ୍ରେଡ୍ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ସିଜିଆଇ ଜଜ୍ ଭିକାରି ଚରଣ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ପ୍ରଧାନ ଶିକ୍ଷକ ଭ୍ରମରବର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗଗନ ବିହାରୀ ପାଣିଗ୍ରାହୀ, କୀର୍ତ୍ତି ରଞ୍ଜନ ବରାଳ, ରତ୍ନପ୍ରଭା ସ୍ୱାଇଁ, ଚକ୍ରଧର ଜେନା, ଅଜୟ କୁମାର ବାରିକ, ଅଦ୍ୱୈତ ଚନ୍ଦ୍ର ପରିଡା, ଫୋରମ ସଭାପତି ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ଉପଦେଷ୍ଟା ପଙ୍କଜ ନାୟକ, ସମ୍ପାଦକ ଭରତ କୁମାର ଦାସ, ସହ ସମ୍ପାଦକ ଅମରେନ୍ଦ୍ର ସାହୁ, କଲ୍ୟାଣ ଆନନ୍ଦ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ଅନେକ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ପଟା ଜବତ

ଛେଣ୍ଡିପଦା,୧୨।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ କଣଲୋଇ ଏବଂ ମାରୁଡ଼ିପ ଗ୍ରାମ ହରିଜନ ସାହିରେ ମଙ୍ଗଳବାର ଚଢ଼ାଉ କରାଯାଇ ଶାଗୁଆନ, ଶାଳପଟା ଏବଂ କାଠଗଣ୍ଡି ଜବତ କରାଯାଇଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ସତ୍ୟନାରାୟଣ ସାହୁ ବିଶେଷସୂତ୍ରରୁ ଖବରପାଇ କଣଲୋଇ ଓ ମାରୁଡ଼ିପ ହରିଜନ ସାହିରେ ଚଢ଼ାଉ କରିଥିଲେ। କଣଲୋଇ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଓ ହରିଜନ ସାହିର ଏକ ପରିତ୍ୟକ୍ତ ସ୍ଥାନରୁ ବିପୁଳ ପରିମାଣର ଶାଗୁଆନ ପଟା, ଶାଗୁଆନ ଗଣ୍ଡି ଓ ଶାଳପଟା ଜବତ କରିଥିଲେ। ଜବତ କାଠଗୁଡ଼ିକୁ ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପିଡିଛି। ଏହି ଚଢ଼ାଉରେ ଫରେଷ୍ଟର ସୁଶାନ୍ତ ନାଏକ, ପଦ୍ମଚରଣ ସାହୁ, ମହେଶ୍ୱର ପ୍ରଧାନ, ଗାର୍ଡ ମିନତି ବେହେରା, ରଜନୀଗନ୍ଧା ପ୍ରଧାନ, ଲୁଲୁ ପ୍ରଧାନ, ଆଦିକନ୍ଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


ଜବତ କାଠ ଗଣ୍ଡି, ପଟା ସହ ବନ କର୍ମଚାରୀ।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗାଦିଛାଡ଼ ଆନ୍ଦୋଳନ


କଣ୍ଟାପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଧାରଣା ଦେଇଛନ୍ତି।

କାମାକ୍ଷାନଗର,୧୨।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତରେ ମଙ୍ଗଳବାର ଭାଜପା ପକ୍ଷରୁ ଗାଦିଛାଡ଼ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ବଳଭଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଅତିଥି ଭାବେ ଭାଜପା ଜିଲା କୋଅର୍ଡିନେଟର ରାସବିହାରୀ ବେହେରା, ଭାଜପା ମଣ୍ଡଳ ସଭାପତି ଦେବାଶିଷ ପଣ୍ଡା, ଦୁର୍ଯ୍ୟୋଧନ ପଣ୍ଡା, ଜୟଦେବ ପାତ୍ର, ଲୋକନାଥ ସିଂହ, ପ୍ରମୋଦ ସିଂହ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ବର୍ଷିଥିଲେ। ଏହି ଆନ୍ଦୋଳନରେ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚିକିତ୍ସାରେ ବାଧକ ସାଜିଛି ଅର୍ଥାଭାବ

ଛେଣ୍ଡିପଦା,୧୨।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଗଡମଣ୍ଡଳ ସରସତୀ ଶିଶୁ ମନ୍ଦିରରେ କାର୍ଯ୍ୟରତ ଗୁରୁମା' ଗୀତାଞ୍ଜଳି ରାଉତଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଛି। ଗୁରୁତର ଅବସ୍ଥାରେ ସେ ଏବେ ଭୁବନେଶ୍ୱରରସ୍ଥିତ ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ଗୀତାଞ୍ଜଳି କିଡ୍‌ନୀ ଓ ରକ୍ତଜନିତ ରୋଗର ଶିକାର ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର କାର୍ଡ ହୋଇପାରି ନାହିଁ। ନିଜର ସ୍ୱଳ୍ପ ଦରମା ଓ ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାରୁ ସେ ଉପଯୁକ୍ତ ଚିକିତ୍ସା ପାଇପାରୁ ନାହାନ୍ତି। ଯଦି ଅଧିକ ଅର୍ଥ ଯୋଗାଡ଼ କରି ନ ହୁଏ ଆଗକୁ ଚିକିତ୍ସା କରିବା ଅସମ୍ଭବ ହୋଇପଡ଼ିବ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି।



ତୁରନ୍ତ ରାଜ୍ୟ ସରକାର ଓ ଶିକ୍ଷା ବିକାଶ ସମିତି ତାଙ୍କ ଚିକିତ୍ସା ବ୍ୟବସ୍ଥାରେ ସହାୟତା କରିବାକୁ ଗୀତାଞ୍ଜଳି ନିବେଦନ କରିଛନ୍ତି।

# ଇନରହୁଇଲ କ୍ଲବ ପକ୍ଷରୁ ସହାୟତା

ଢେଙ୍କାନାଳ,୧୨।୯(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଅର୍.କେ. ରେଜେନ୍ସି ସଭାଗୃହରେ ମଙ୍ଗଳବାର ଇନର୍ ହୁଇଲ କ୍ଲବ ଅଫ୍ ଢେଙ୍କାନାଳ ତରଫରୁ ଢେଙ୍କାନାଳ ଜିଲାର ପର୍ବତାରୋହିଣୀ ବିଭାରାଣୀ ପାତ୍ରଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଆସନ୍ତା ୧୪ ତାରିଖରେ ବିଭାରାଣୀ ଆଫ୍ରିକାର କିଲିମଞ୍ଜାର ପର୍ବତ ଆରୋହଣ ପାଇଁ ଗସ୍ତ କରିବେ। ଏଥିପାଇଁ କ୍ଲବ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ, ଟିଶାର୍ଟ, ଚକୋଲେଟ ଏବଂ ସହାୟତା ରାଶି ପ୍ରଦାନ କରାଯିବା ସହ ଜାତୀୟ ସଙ୍ଗୀତ ଗାନ ମାଧ୍ୟମରେ ଉତ୍ସାହିତ କରାଯାଇଥିଲା। ଏଥିସହ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିଭାରାଣୀଙ୍କ ସଫଳତା ପାଇଁ ପ୍ରାର୍ଥନା କରାଯାଇଥିଲା। କ୍ଲବ ଉପସଭାପତି ଗାୟତ୍ରୀ ହିନ୍ଦୋଚା, ସମ୍ପାଦିକା ଶ୍ରଦ୍ଧା ଅଗ୍ରୱାଲ, ବରିଷ୍ଠ ସଦସ୍ୟା ଅନସୂୟା ଭୂତିଆ, ସଦସ୍ୟା ଆଇ. ରୂପାରାଣୀ, ମଧୁଛନ୍ଦା ସାହୁ, ଉଷା ଅଗ୍ରୱାଲ, ରୋଜାଲିନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବିଭାରାଣୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ପର୍ବତାରୋହଣ ପାଇଁ ବିଭାରାଣୀଙ୍କ ଯାତ୍ରା

### ୫-ଟି ସଚିବଙ୍କ ନିର୍ଦ୍ଦେଶ ପରେ ମିଳିଲା ସହାୟତା

ଢେଙ୍କାନାଳ,୧୨।୯(ରତନ ନାୟାର)

ଆଫ୍ରିକା ମହାଦେଶରେ ଥିବା କିଲିମଞ୍ଜାର ପର୍ବତ ଆରୋହଣ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି ଢେଙ୍କାନାଳ ଜିଲାର ପର୍ବତାରୋହିଣୀ ବିଭାରାଣୀ ପାତ୍ର। ଓଡ଼ାପଡ଼ା ବ୍ଲକ ମେରାମୁଣ୍ଡଳୀ ଗ୍ରାମର କୃଷ୍ଣ ପ୍ରସାଦ ପାଟରା ଓ ବିଦ୍ୟୁତ୍ ପ୍ରଭାଙ୍କ ଝିଅ ବିଭାରାଣୀ ଖେଳ, ଦୁଃସାହସିକ କ୍ରୀଡ଼ା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଇତିମଧ୍ୟରେ ୧୫୩ଟି ପୁରସ୍କାର ପାଇସାରିଛନ୍ତି। ସେ ଆଫ୍ରିକାରେ ଥିବା ୧୯, ୩୪୧ ଫୁଟ ଉଚ୍ଚ କିଲିମଞ୍ଜାର ପର୍ବତ ଆରୋହଣ କରିବାକୁ ୧୪ ତାରିଖରୁ ଯାତ୍ରା ଆରମ୍ଭ କରିବେ। ଉକ୍ତ ପର୍ବତ ଆରୋହଣ କରିବା ପରେ ସେ ୨୫ ତାରିଖରେ ଓଡ଼ିଶା ଫେରିବେ। ଏହାପରେ ସେ ରୁଷର ଏଲବୃଶ ପର୍ବତ ଆରୋହଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ନିଜର ଏହି ଅଭିଯାନ ମାଧ୍ୟମରେ ସେ ସୁରକ୍ଷା, ରକ୍ତଦାନ, ଚାରାରୋପଣ, ଗୀତା ଭାଗବତ ଓ ଅଙ୍ଗଦାନ ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ଚାହୁଁଥିବା ବିଭାରାଣୀ ପ୍ରକାଶ କରିଛନ୍ତି। ହେଲେ ନିଜର ଏହି ଯାତ୍ରା ପାଇଁ ଅର୍ଥର ଅଭାବ ଥିବାରୁ ଏ ସମ୍ପର୍କରେ ସେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଟୁଇଟ ମାଧ୍ୟମରେ ଜଣାଇଥିଲେ। ଏହାପରେ ୫-ଟି ସଚିବଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲା ପ୍ରଶାସନ ତରଫରୁ ତାଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ଜାତୀୟ ପତାକା ଦେଖାଇ ବିଭାରାଣୀଙ୍କ କିଲିମଞ୍ଜାର ପର୍ବତ ଆରୋହଣ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ଅଧିକାରୀ, ଆପତକାଳୀନ ଅଧିକାରୀ, ଆସିଷ୍ଟାଣ୍ଟ କଲେକ୍ଟର ଓ ଡେପୁଟି କଲେକ୍ଟର ଉପସ୍ଥିତ ଥିଲେ।


ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭାରାଣୀଙ୍କ ଯାତ୍ରାର ଶୁଭାରମ୍ଭ କରାଯାଉଛି।

## ସଂକ୍ଷେପରେ

### ବଜ୍ରପାତରେ ୩ ବଳଦ ମୃତ

ବଇଣ୍ଡା,୧୨।୯(ପରିକ୍ଷିତ ସାହୁ)

ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଛି। ଠାକୁରଗଡ଼ ଥାନା ନବଦୀପପୁର ଗ୍ରାମରେ ବଜ୍ରପାତ ଘଟି ସୁକୁଟୁ ବେହେରା, ନିର୍ମଳ ବେହେରା ଏବଂ ନିରଞ୍ଜନ ବେହେରାଙ୍କ ୩ ବଳଦଙ୍କ ଜୀବନ ଯାଇଛି। ନିକଟସ୍ଥ ପଡିଆକୁ ଗୋରୁପଲ ଚରିବାକୁ ଯାଇଥିବାବେଳେ ବଜ୍ରପାତ ଘଟିଥିଲା। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ବିଦ୍ୟୁତ୍ ଆଘାତରେ କର୍ମଚାରୀ ଗୁରୁତର

ବଇଣ୍ଡା,୧୨।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଖମାରଠାରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ପାପସରା ଗ୍ରାମର ବିଦ୍ୟୁତ୍ କର୍ମଚାରୀ ଲୋକନାଥ ସାହୁ ଗୁରୁତର ହୋଇଛନ୍ତି। ଲୋକନାଥ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ବଜ୍ରପାତ ଆକ୍ରାନ୍ତଙ୍କୁ ବାଇକ୍‌ରେ ଅଣାଗଲା ମେଡିକାଲ

## ୩ ଘଣ୍ଟା ପରେ ବି ପହଞ୍ଚିଲାନି ଆମ୍ବୁଲାନ୍ସ

ଅନୁଗୋଳ, ୧୨।୯ (ଅମିତ କୁମାର ସାମଲ)



ଗାଈ ଚରାଉଥିବା ବେଳେ ମଙ୍ଗଳବାର ବଜ୍ରପାତରେ ଗୁରୁତର ହୋଇଥିଲେ ଜଣେ ବୃଦ୍ଧ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ୩ ଘଣ୍ଟାର ଅପେକ୍ଷା ସତ୍ତ୍ୱେ ପହଞ୍ଚିଲାନି ଆମ୍ବୁଲାନ୍ସ। ଶେଷରେ ଉପାୟଶୂନ୍ୟ ପରିବାର ଲୋକେ ବୃଦ୍ଧଙ୍କୁ ବାଇକ୍‌ରେ ଆଣି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ମାତ୍ରେ ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଥିବା ବଲାସିଂହା ଗ୍ରାମରେ ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ନ ପାରିବା ଘଟଣା ସରକାରଙ୍କ ଏହି ଜରୁରୀ ସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ବ୍ଲକ ବଲାସିଂହା ଗ୍ରାମର ଦୁଆରି ଗୁରୁ (୬୦) ଅପରାହ୍ନରେ ଗୋରୁ ଚରାଉଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଦୁଆରିଙ୍କୁ ପରିବାର ଲୋକେ ଉଦ୍ଧାର କରିବା ପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଯାଉଥିବା କୁହାଯାଇଥିଲା। ହେଲେ ଦୀର୍ଘ ୩ ଘଣ୍ଟା ପରେ ମଧ ଆମ୍ବୁଲାନ୍ସ ଗୁରୁତରଙ୍କ ନିକଟରେ ପହଞ୍ଚିପାରି ନ ଥିଲା। ତେଣୁ ଆଉ ଅଧିକ ଅପେକ୍ଷା ନ କରି ପରିବାର ଲୋକେ ଦୁଆରିଙ୍କୁ ଏକ ବାଇକ୍‌ରେ ବସାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟାରେ ପହଞ୍ଚାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠିକଣା ସମୟରେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଦୁଆରିଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମେଡିକାଲରେ ଥିବା ୧୦୮ ଆମ୍ବୁଲାନ୍ସର ସୁପର ଭାଇଜରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ତେବେ ଗୁରୁତରଙ୍କ ନିକଟରେ ୧୦୮ ଆମ୍ବୁଲାନ୍ସ ଠିକ୍ ସମୟରେ ନ ପହଞ୍ଚିବା ଅନୁଗୋଳରେ ପ୍ରଥମ ନୁହେଁ। ପୂର୍ବରୁ ଏପରି ଅନେକ ଘଟଣା ଅନୁଗୋଳରେ ଦେଖିବାକୁ ମିଳିଛି। ଏପରି କି ରୋଗୀଙ୍କୁ କଟକ ନିଆଯିବା ରାସ୍ତାରେ ଆମ୍ବୁଲାନ୍ସ ରଖି ରୋଗୀଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମଗାଯାଇଛି। ସେହିପରି ଆମ୍ବୁଲାନ୍ସ ଖରାପ ଥିବା ମଧ୍ୟ ଅନେକ ସମୟରେ ରୋଗୀଙ୍କୁ କୁହାଯାଇଛି। ତେବେ ୩ ଘଣ୍ଟା ଅପେକ୍ଷା ସତ୍ତ୍ୱେ ଆମ୍ବୁଲାନ୍ସ ନ ପହଞ୍ଚିବା ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଅବଗତ ନ ଥିବା କୁହାଯାଇଛି।

# ‘ବିନୋବାଙ୍କ ଭୂଦାନ ଆନ୍ଦୋଳନ ବିଶ୍ୱରେ ବିରଳ’

ଅନୁଗୋଳ,୧୨।୯(ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିର ପରିସରରେ ଭୂଦାନ ଆନ୍ଦୋଳନର ପ୍ରବକ୍ତା ମହାନ୍ ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଛାତ୍ରାବାସ ମାର୍ଗଦର୍ଶକ କୃଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମଦୁରାଇ ଗାନ୍ଧୀ ଗ୍ରାମ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଡ. ଏଲ୍. ରାଜା, ପ୍ରଫେସର କଳ୍ପନା ରାଜା ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନକୁ ଚିନ୍ତନ, କର୍ମ ଓ ଭଗବଦ୍ ସମର୍ପଣ ମାଧ୍ୟମରେ ଆମେ ବିନୋବାଙ୍କୁ ଅନୁସରଣ କରିପାରିବା ବୋଲି ଡ. ରାଜା ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସନ୍ନ୍ୟାସୀ ହେବାର ଇଚ୍ଛା ପରିତ୍ୟାଗ କରି ସନ୍ଥ ବିନୋବା ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଯୋଗ ଦେଇଥିଲେ। ଭାଗବତ ଗୀତା ଆଦର୍ଶରେ ଅନୁପ୍ରାଣିତ ଦେଶର ପ୍ରଥମ ସତ୍ୟାଗ୍ରହୀ ବିନୋବା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଦେଶରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ, ଯାହା ସମଗ୍ର ବିଶ୍ୱରେ ମଧ୍ୟ ବିରଳ ବୋଲି ଡ. ରାଜା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ସରସ୍ୱତୀ ସ୍ୱାଇଁ, ଲିପିକା ମହାପାତ୍ର, କାବେରୀ ରାଜା, ସୁଧୀର ବାବୁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଶ୍ରୀକାନ୍ତ ପାତ୍ର, କୀର୍ତ୍ତି ସ୍ମିତା, ଲଳିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।



ବିନୋବା ଭାବେଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଏଚ୍‌ଆର୍‌ଡି ଜିଏମ୍‌ଙ୍କୁ ସମ୍ବର୍ଦ୍ଧନା

ବଆଁରପାଳ,୧୨।୯(ଉପେନ୍ଦ୍ର ରାଉତ)

ନାଲ୍‌କୋରେ ନୂତନ ଭାବେ ନିଯୁକ୍ତି ପାଇଥିବା ଏଚ୍‌ଆର୍‌ଡି ଜେନେରାଲ ମ୍ୟାନେଜର ଶୁଭେନ୍ଦୁ ନାୟକଙ୍କୁ ନାଲ୍‌କୋ ବହୁମୁଖୀ ସମବାୟ ସମିତି ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି। ନାଲ୍‌କୋ ପ୍ଲାଣ୍ଟର ଉନ୍ନତି ଓ ଅଞ୍ଚଳର ବିକାଶ ଦିଗରେ ଜିଏମ୍ ଧ୍ୟାନ ଦେବେ ବୋଲି ସମିତିର ସଦସ୍ୟମାନେ ଆସ୍ଥା ପ୍ରକଟ କରିଛନ୍ତି। ସମିତି ସଭାପତି ନଟବର ମହାନ୍ତି, ନିର୍ଦ୍ଦେଶକ ବାମଦେବ ସେଠ, ବିରଞ୍ଚି ସାମଲ, ନରେଶ ପରିଡା, ପ୍ରତାପ ବେହେରା, ବିନୋଦ ବେହେରା, ରୋହିତ ନାୟକ ପ୍ରମୁଖ ନୂତନ ଜିଏମ୍‌ଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଜିଏମ୍‌ଙ୍କୁ ସମିତିର ସଦସ୍ୟମାନେ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

# ଶିଶୁଙ୍କ ମୌଳିକ ଅଧିକାର ଉପରେ ଆଲୋକପାତ

ବଇଣ୍ଡା,୧୨।୯(ପରିକ୍ଷିତ ସାହୁ)

ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଓ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ସହାୟତାରେ ପରିଚାଳିତ କାର୍ଯ୍ୟକ୍ରମ ‘ଆକ୍ସେସ ଟୁ ଜଷ୍ଟିସ’ ତରଫରୁ ଗୁରୁଣ୍ଡୁ ଗୋପାଳ ଉଚ୍ଚବିଦ୍ୟାଳୟ କତଡ଼ାଠାରେ ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, କିଶୋରକିଶୋରୀ ଆଦି ଉପରେ ସଚେତନ କରାଯାଇଥିଲା। ଏଥିସହ ବାଲ୍ୟବିବାହ ନିବାରଣ ଆଇନ, ୨୦୦୬ ପୋକ୍ସ ଆଇନ ଉପରେ ଶିକ୍ଷାର୍ଥୀଙ୍କୁ ଧାରଣା ଦିଆଯାଇଥିଲା। ଜିଲା ସଂଯୋଜକ ବିଶ୍ୱଜିତ୍ ଦାଶ ଯୋଗଦେଇ ଶିଶୁମାନଙ୍କ ମୌଳିକ ଅଧିକାର ଏବଂ ଶିଶୁ ସୁରକ୍ଷା ବିଷୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବାଲ୍ୟବିବାହ ନିରାକରଣ ନେଇ ଏକ ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ପ୍ରଧାନ, ଅଞ୍ଜନ ପ୍ରଧାନ, ମନୋଜ ବେହେରା, ସୁରେଶଚନ୍ଦ୍ର ସାହୁ, ଭୋଳେଶ୍ୱର ସାହୁ, ଅନୁପମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ର ପ୍ରକଳ୍ପ ସହଯୋଗୀ ଜ୍ୟୋସ୍ମିତା ପ୍ରଧାନ ପରିଚାଳନା କରିଥିଲେ। ଦୀପକ ସାହୁ ସହଯୋଗ କରିଥିଲେ।



ଗୁରୁଣ୍ଡୁ ଗୋପାଳ ଉଚ୍ଚବିଦ୍ୟାଳୟ କତଡ଼ାଠାରେ ଛାତ୍ରୀଛାତ୍ରମାନେ ଶପଥପାଠ କରୁଛନ୍ତି।

## ହାତୀ ଆକ୍ରମଣରୁ ବର୍ତ୍ତିଲେ ବୃଦ୍ଧ

ଅନୁଗୋଳ, ୧୨।୯ (ଅମିତ କୁମାର ସାମଲ)

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ହମାମୀର ଗ୍ରାମର ଜଣେ ବୃଦ୍ଧ ମଙ୍ଗଳବାର ସନ୍ଧ୍ୟାରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ବୃଦ୍ଧ ଜଣକ ଗାଈ ଚରାଉଥିବା ସମୟରେ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ତେବେ କୌଶଳକ୍ରମେ ସେ ଦନ୍ତା ମୁହଁରୁ ବର୍ତ୍ତି ଯାଇଥିଲେ ହେଁ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ବନ ବିଭାଗ ପକ୍ଷରୁ ତାଙ୍କୁ ପ୍ରଥମେ ବନ୍ତଳା ମେଡିକାଲ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବନ ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିବା ବନ୍ତଳା ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ହମାମୀରା ଅଞ୍ଚଳରେ ୨ଟି ଦନ୍ତା ହାତୀ ରହିଛନ୍ତି। ବୃଦ୍ଧ ଜଣକ ଗାଈ ଚଳାଇବାବେଳେ ଗୋଟିଏ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ।

# ୩ ବର୍ଷ ହେଲା ଶୌଚାଳୟରେ ତାଲା

ବଆଁରପାଳ,୧୨।୯(ଉପେନ୍ଦ୍ର ରାଉତ)




ଅନୁଗୋଳ ଜିଲା ବଆଁରପାଳ ବ୍ଲକ କୁଲାଡ଼ ଏଫସିଆଇ ଛକଠାରେ ଥିବା ଗୋଷ୍ଠୀ ଶୌଚାଳୟରେ ୩ ବର୍ଷ ହେଲା ତାଲା ଝୁଲୁଛି। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘଟଣାରୁ ଜଣାପଡ଼ିଛି, ବ୍ଲକ ପ୍ରଶାସନ ପକ୍ଷରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। କୁଲାଡ଼ ଏଫ୍‌ସିଆଇ ଛକରେ ବସ୍‌ଷ୍ଟାଣ୍ଡ ଥିବାରୁ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଶୌଚାଳୟ ତିଆରି କରାଯାଇଥିଲା। ଫଳରେ କୁଲାଡ଼, ଗିରାଙ୍ଗ, ନାଲ୍‌କୋ କଲୋନୀ, ବଲରାମପ୍ରାସଦ, ପିଙ୍ଗୁଆ ଅଞ୍ଚଳବାସୀ ଅନୁଗୋଳ, ତାଳଚେର, କଟକ, ଭୁବନେଶ୍ୱର, ସମ୍ବଲପୁର, କେନ୍ଦୁଝର ଆଦି ଅଞ୍ଚଳକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରୁଥିବା ବେଳେ ଏହି ଶୌଚାଳୟର ସୁବିଧା ପାଇପାରୁଥିଲେ। ହେଲେ ୩ ବର୍ଷ ହେଲା ଏହା ବନ୍ଦ ପଡ଼ିଥିବାରୁ ମହିଳା ଯାତ୍ରୀମାନେ ଶୌଚ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହେଲା ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉ ନାହିଁ। ଏ ସମ୍ପର୍କରେ କୁଲାଡ଼ ଗ୍ରାମ ସଭାପତି ଅଶୋକ ବିଶୋଇ କହିଛନ୍ତି, ଶୌଚାଳୟରେ ଦୀର୍ଘଦିନ ହେଲା ତାଲା ଝୁଲିଛି। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ବଆଁରପାଳ ଅତିରିକ୍ତ ବିଡିଓ ମାଧବ ପାଣିଗ୍ରାହୀ କହିଛନ୍ତି, ଶୌଚାଳୟରେ ତାଲା ପଡ଼ିଥିବା ଅଭିଯୋଗ ହୋଇଛି। ଏହାକୁ କିପରି ସେବାରେ ଲଗାଯିବ ସେ ନେଇ ବ୍ୟବସ୍ଥା କରାଯିବ।

## ଆକ୍ରମଣ, ଚୋରା ଚାଲାଣ ଅଭିଯୁକ୍ତ ଗିରଫ

କଣିହାଁ,୧୨।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନା ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଭାରପ୍ରାପ୍ତ ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, କଣିହାଁ କୋଇଲା ଖଣି ଅଞ୍ଚଳରେ ଜେଆଇଟିପିଏଲ୍ ପ୍ରକଳ୍ପକୁ କୋଇଲା ପରିବହନ କରୁଥିବା ଟ୍ରକ୍ ଚାଳକ ରାଜେଶ ପ୍ରସାଦଙ୍କୁ ମରଣାନ୍ତକ ଆକ୍ରମଣ କରି ଡିଜେଲ ଲୁଟ୍ ହୋଇଥିଲା। ଏ ନେଇ ଗତ ଜୁଲାଇ ୨୨ରେ ଥାନାରେ ନଂ. ୧୫୫/୨୩ରେ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ଜରଡା ଗ୍ରାମର ଶ୍ରୀକାନ୍ତ ବେହେରାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେହିପରି ବାଇକ ଯୋଗେ ଚୋରା କୋଇଲା ଚାଲାଣ ଅଭିଯୋଗରେ କଂସମୁଣ୍ଡା ଗ୍ରାମର ଅମର ବେହେରାଙ୍କୁ ଗିରଫ କରାଯାଇଛି।

# ଏମ୍‌ସିଏଲ୍ କ୍ଷତିଗ୍ରସ୍ତଙ୍କ ଧାରଣା



ଏମ୍‌ସିଏଲ୍ କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଅନୁଗୋଳ,୧୨।୯(ଅମିତ ସାମଲ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍ ଦ୍ୱାରା କ୍ଷତିଗ୍ରସ୍ତମାନେ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କ୍ଷତିଗ୍ରସ୍ତମାନେ କହିଛନ୍ତି, ଏମ୍‌ସିଏଲ୍ ବହୁ ବେଆଇନ ଫାର୍ମ ଚଳାଉଛି। ଏ ନେଇ କ୍ଷତିଗ୍ରସ୍ତମାନେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ପରେ ଜିଲା ପ୍ରଶାସନ ୭ ଦିନ ମଧ୍ୟରେ ବେଆଇନ ଫାର୍ମଗୁଡ଼ିକୁ ବନ୍ଦ କରିବା ପାଇଁ ଏମ୍‌ସିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏମ୍‌ସିଏଲ୍ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଫାର୍ମଗୁଡ଼ିକ ଚଳାଉଛି। ଏହାର ପ୍ରତିବାଦରେ କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କ୍ଷତିଗ୍ରସ୍ତମାନେ ପ୍ରକାଶ କରିଛନ୍ତି।

# ରାସ୍ତା ପିଚୁ କରିବାକୁ ଗ୍ରାମବାସୀଙ୍କ ଦାବି

ବଇଣ୍ଡା,୧୨।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାପଘରା ପଞ୍ଚାୟତ ବାତ୍ରାଖୋଲଠାରୁ ରୋଡସିଙ୍ଗା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା କାଦୁଅପୂର୍ଣ୍ଣ ହୋଇପଡ଼ିଥିବାରୁ ଅଞ୍ଚଳବାସୀ ଯାତାୟାତ ସମୟରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ରାସ୍ତାକୁ ପିଚୁ କରିବା ପାଇଁ ସୋମବାର ବାତ୍ରାଖୋଲ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଦାବି କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଏହା ଗ୍ରାମର ମୁଖ୍ୟ ସଡ଼କ। ପଞ୍ଚାୟତ ବିଭାଗ ଅଧୀନରେ ଏହି ରାସ୍ତା ରହିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତା କାଦୁଅପୂର୍ଣ୍ଣ ହୋଇଯାଉଛି। ଫଳରେ ଯାତାୟାତ କଷ୍ଟକର ହୋଇପଡୁଛି। ଅବସ୍ଥା ଏମିତି ହୋଇଛି ଯେ ଚାଲିକରି ଯିବାରେ ଅସୁବିଧା ଉପୁଜୁଛି। ଏହି ରାସ୍ତା ଉପରେ ବାତ୍ରାଖୋଲ, ରଙ୍ଗମାଟିଆ, ରୋଡ଼ସିଙ୍ଗା, ବରଢିପ, ସାଲୁଣି, ହେମାମୁରା, ରାଇନାଳି, ଆମ୍ବନାଳି ସମେତ ୧୦ ଗ୍ରାମବାସୀ ନିର୍ଭରଶୀଳ। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ପିଚୁ କରିବା ପାଇଁ ଗ୍ରାମବାସୀ ୨୦ ଫେବୃୟାରୀ ୨୦୨୨ ଓ ୧ ଫେବୃୟାରୀ ୨୦୨୩ରେ ଦାବିପତ୍ର ମାଧ୍ୟମରେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି, ରାସ୍ତା ସମ୍ପର୍କରେ ତର୍ଜମା କରି ପଦକ୍ଷେପ ନିଆଯିବ।



# ଶିକ୍ଷା, ଗବେଷଣା ପାଇଁ ବୁଝାମଣା



ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହେଉଛି।

ଅନୁଗୋଳ,୧୨।୯(ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ମଧ୍ୟରେ ମଙ୍ଗଳବାର ଏକ ବହୁମୁଖୀ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ନାକ୍ ମାନ୍ୟତା ତଥା ଉଭୟ ଶିକ୍ଷାନୁଷ୍ଠାନର ଉଚ୍ଚତର ଭାଗିଦାରିତା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଓଡ଼ିଶାର ପ୍ରଥମ ଶିକ୍ଷକ ତାଲିମ କେନ୍ଦ୍ର ଭାବରେ ୧୯୫୫ରେ ଓଡ଼ିଶା ସରକାରଙ୍କ ଅଧୀନରେ ଅନୁଗୋଳ ବି.ଇ.ଡି କଲେଜ ପ୍ରତିଷ୍ଠା ହୋଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ ଏନ୍‌ସିଇଆରଟି ଅଧୀନରେ ୧୯୬୩ ମସିହାରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ସ୍ଥାପିତ ହୋଇଥିଲା। ଏହି ଦୁଇ ପୁରାତନ ଅନୁଷ୍ଠାନ ମଧ୍ୟରେ ହୋଇଥିବା ଏମ୍‌ଓୟୁ ଦ୍ୱାରା ଶିକ୍ଷାର୍ଥୀମାନେ ଉପକୃତ ହେବା ସହ ଉଭୟ ଅନୁଷ୍ଠାନର ଶିକ୍ଷକମାନେ ମଧ୍ୟ ଶିକ୍ଷା ଓ ଗବେଷଣାରେ ସାମିଲ ହୋଇ ପାରିବେ ବୋଲି ଆଶା କରାଯାଉଛି। ଏଥିସହ ଉଭୟ ଅନୁଷ୍ଠାନ ମଧ୍ୟରେ ବିଭିନ୍ନ ସମୟରେ ଆଲୋଚନାଚକ୍ର, କର୍ମଶାଳା, ସମ୍ବଳ ବିନିମୟ, ସ୍ୱଳ୍ପକାଳୀନ ତାଲିମ, ଗୋଷ୍ଠୀ ଭାବବିନିମୟ, ପ୍ରଯୁକ୍ତି ସହାୟତା, ପ୍ରକଳ୍ପ ସହଭାଗିତା, ମାନବ ସମ୍ବଳ ବିନିମୟ ତଥା ଉଚ୍ଚତର ଶିକ୍ଷା ଗବେଷଣା ଦିଗରେ ମଧ୍ୟ କାର୍ଯ୍ୟ କରାଯିବ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଠାରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଓ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ପ୍ରତିଷ୍ଠାନ ପ୍ରଫେସର ସନ୍ଧ୍ୟାରାଣୀ ସାହୁ, ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, ପ୍ରଫେସର ଆଇ.ପି. ଗୋରାମ୍ବା, ପ୍ରଫେସର ଏଲ.ଡି. ବେହେରାଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅନୁଗୋଳ ବିଇଡି କଲେଜରୁ ଅନ୍ତରୀଣ ଗୁଣବତ୍ତା ପରୀକ୍ଷଣ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ସାହୁ ଯୋଗ ଦେଇଥିଲେ।

